# ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା,
# ଥୁ. ରାମପୁରଙ୍କ କାର୍ଯ୍ୟାଳୟ, ଭବାନୀପାଟଣା ।

ପତ୍ର ସଂଖ୍ୟା. ୨୮୬            ତା. ୨୨.୦୨.୨୦୨୧

## ବିଜ୍ଞପ୍ତି

ଏତଦ୍ ଦ୍ୱାରା ଥୁ.ରାମପୁର ଅଂଚଳର ସମସ୍ତ ସ୍ଥାୟୀ ଓ ଅଣ ନିଯୁକ୍ତି ଆଦିବାସୀ ସମ୍ପ୍ରଦାୟର ଅଧିବାସୀ ମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଥୁ. ରାମପୁର, ଭବାନୀପାଟଣା ଦ୍ୱାରା ଥୁ. ରାମପୁର ବ୍ଲକ୍‌ର ସଦର ମହକୁମା ଠାରେ ନିର୍ମୀତ ହୋଇଥିବା ୧୬ ଗୋଟି ଦୋକାନ ଗୃହ (ମାର୍କେଟ କମପ୍ଲେକ୍ସ) କୁ ମାସିକ ଭଡ଼ା ସୁତ୍ରରେ ଦିଆଯିବାର ସିଦ୍ଧାନ୍ତ ହୋଇଛି । ଏଣୁ ନିମ୍ନ ସର୍ତରେ ଭଡ଼ାରେ ନେବା ଇଛୁକ ବ୍ୟକ୍ତି ଏହି ବିଜ୍ଞପ୍ତି ପ୍ରକାଶ ପାଇବା ମାଧମରେ ତା. ୧୭.୦୩.୨୦୨୧ ସୁଦ୍ଧା ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଆବେଦନ କରିବା ହେବେ । ଧାର୍ଯ୍ୟ ସମୟସୀମା ପରେ ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ ।

**ନିୟମବଳୀ (ସର୍ତ)**

୧. ହୋଟେଲ ଘର ନିମନ୍ତେ ଜମା ରାଶି ଟ. ୧୦,୦୦୦/- (ଦଶ ହଜାର ଟଙ୍କା) ଏବଂ ମାସିକ ଭଡ଼ା ଟ. ୩,୦୦୦/- (ତିନି ହଜାର), ଅନାନ୍ୟ ତଳ ବଖାରା ନିମନ୍ତେ ଜମା ରାଶି ଟ. ୫,୦୦୦/- (ପାଚଂ ହଜାର ଟଙ୍କା) ଏବଂ ମାସିକ ଭଡ଼ା ଟ. ୧,୫୦୦/- (ଏକ ହଜାର ପାଚଂ ଶହ ଟଙ୍କା) ଏବଂ ଉପର ବଖାରା ନିମନ୍ତେ ଜମା ରାଶି ଟ. ୫,୦୦୦/- (ପାଚଂ ହଜାର ଟଙ୍କା) ଏବଂ ମାସିକ ଭଡ଼ା ଟ. ୧,୦୦୦/- (ଏକ ହଜାର ଟଙ୍କା) ଧାର୍ଯ୍ୟ କରାଯାଇଛି । ଅନୁନ୍ୟ ଜମା ରାଶିକୁ ପ୍ରକଳ୍ପ ପ୍ରଶାସକ, ସମନ୍ନୀତ ଆଦିବାସୀ ଉନ୍ନୟନ ସଂସ୍ଥା, ଥୁ.ରାମପୁର, ଭବାନୀପାଟଣାକୁ ବ୍ୟାଙ୍କ ଜରିୟାରେ ଚଳବନ୍ଧକ (Pledge) କରିବେ । ମାସିକ ଭଡ଼ା ମଧ ପ୍ରକଳ୍ପ ପ୍ରଶାସକ, ସମନ୍ନୀତ ଆଦିବାସୀ ଉନ୍ନୟନ ସଂସ୍ଥା, ଥୁ.ରାମପୁର, ଭବାନୀପାଟଣା ଠାରେ ମାସର ୧୦ ତାରିଖ ମଧ୍ୟରେ ଦାଖଲ କରିବେ । ଯଦି ମାସିକ ଭଡ଼ା ପୈଠ କରିବାରେ ତିନି ମାସ ପର୍ଯ୍ୟନ୍ତ ଖିଲାପି କଲେ, ତା ହେଲେ ତାଙ୍କର ଦୋକାନ ଘର ରଦ୍ଧ କରାଯାଇ ଅନ୍ୟ ବ୍ୟକ୍ତିକୁ ପ୍ରଦାନ କରାଯିବ ।

୨. ଭଡ଼ା ବାବଦରେ ବାର୍ଷିକ ୧୦ ପ୍ରତିଶତ ବୃଦ୍ଧି କାରାଯିବ ।

୩. ବିଦ୍ୟୁତ ଖର୍ଚ୍ଚ ପାର୍ଥୀ ନିଜେ ବହନ କରିବେ ।

୪. ଦୋକାନ ଗୃହର କୌଣସି କ୍ଷତି ହେଲେ ପାର୍ଥୀ ଦାୟୀ ରହିବେ ।

୫. ସମନ୍ନୀତ ଆଦିବାସୀ ଉନ୍ନୟନ ସଂସ୍ଥା ଆନୁକୁଲ୍ୟରେ ତାଲିମ ପ୍ରଦାନ କରାଯାଇଥିବା ଆଦିବାସୀ ପ୍ରାର୍ଥୀ ମାନଙ୍କୁ ଅଗ୍ରାଧିକାର ଦିଆଯିବ ।

୬. ଚୟନ ହୋଇଥିବା ପାର୍ଥୀ ଉପରୋକ୍ତ ସର୍ତ ଅନୁଯାୟୀ ପ୍ରକଳ୍ପ ପ୍ରଶାସକ, ସମନ୍ନୀତ ଆଦିବାସୀ ଉନ୍ନୟନ ସଂସ୍ଥା, ଥୁ.ରାମପୁର ସହ ୦୭ ଦିନ ମଧ୍ୟରେ ଚୁକ୍ତିନାମା କରିବା ହେବେ ।

୭. ମୂଳ ଦୋକାନ ଘରକୁ ସଂପ୍ରସାରିତ କିମ୍ବା କାହାରିକୁ ପ୍ରଦାନ କରିପାରିବେ ନାହିଁ । ଯଦି ଏ ସଂର୍ପକ ରେ କୌଣସି ତଥ୍ୟ ହସ୍ତଗତ ହେଲେ ଜମାକାରୀଙ୍କ ଅମାନତ ଜମାରାଶି ଫେରସ୍ତ ଦିଆଯିବ ନାହିଁ ଏବଂ ତାଙ୍କୁ ଦରକାର ହେଲେ ବରଖାସ୍ତ କରାଯିବ ।

୮. ପ୍ରତି ଦୋକାନ ଘର ନିମନ୍ତେ ଯଦି ଅଧିକ ପ୍ରାର୍ଥୀ ଦରଖାସ୍ତ ଆହରଣ କରନ୍ତି ତାହେଲେ ଏହା ଲଟେରୀ ମାଧ୍ୟମରେ ସ୍ଥିର କରାଯିବ ।

ବି.ଦ୍ର.: ଆବେଦନ ଫର୍ମ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଥୁ. ରାମପୁର, ଭବାନୀପାଟଣା କାର୍ଯ୍ୟାଳୟରେ ତା. ୦୧.୦୩.୨୦୨୧ ଠାରୁ ଉପଲବ୍ଧ ହେବ ।

ପ୍ରକଳ୍ପ ପ୍ରଶାସକ,
ସମନ୍ୱୀତ ଆଦିବାସୀ ଉନ୍ନୟନ ସଂସ୍ଥା,
ଥୁ. ରାମପୁର, ଭବାନୀପାଟଣା

ପରିପତ୍ର ସଂଖ୍ୟା ୨୪୭ ତା. ୨୨.୦୨.୨୦୨୧

ଏହାର ଏକକିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଥୁ. ରାମପୁର / ତହସିଲଦାର, ଥୁ. ରାମପୁରଙ୍କୁ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଏହି କାର୍ଯ୍ୟାଳୟର ନୋଟିସ୍ ଫଳକରେ ଲଗାଗଲା ।

ପ୍ରକଳ୍ପ ପ୍ରଶାସକ,
ସମନ୍ୱୀତ ଆଦିବାସୀ ଉନ୍ନୟନ ସଂସ୍ଥା,
ଥୁ. ରାମପୁର, ଭବାନୀପାଟଣା

ପରିପତ୍ର ସଂଖ୍ୟା ୨୪୮ ତା. ୨୨.୦୨.୨୦୨୧

ଏହାର ଏକକିତା ନକଲ ଜିଲ୍ଲା ବାର୍ତ୍ତା ଉଚ୍ଚପଦସ୍ଥ ଅଧିକାରୀ, ଏନ୍. ଆଇ. ସି., କଳାହାଣ୍ଡିଙ୍କୁ ଅନୁରୋଧ ଯେ ଏହି ବିଜ୍ଞପ୍ତି ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

ପ୍ରକଳ୍ପ ପ୍ରଶାସକ,
ସମନ୍ୱୀତ ଆଦିବାସୀ ଉନ୍ନୟନ ସଂସ୍ଥା,
ଥୁ. ରାମପୁର, ଭବାନୀପାଟଣା